# କାର୍ଯ୍ୟାଳୟ ପରିତ୍ୟକ୍ତ, ପଦବୀ ଖାଲି

■ ୨ ବର୍ଷ ହେଲା ନାହାନ୍ତି ପାଇକସାହି ଗ୍ରାମ୍ୟ କୃଷି ଅଧିକାରୀ
■ କୃଷି ସମ୍ବନ୍ଧୀୟ ପରାମର୍ଶ, ସେବା ପାଉନାହାନ୍ତି ଚାଷୀ
■ ଅନୁଗୋଳ ଜିଲାପାଳଙ୍କ ନିକଟରେ କଲେ ଅଭିଯୋଗ

**କୃଷି ଓ କୃଷକଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଥିଲା। ଗ୍ରାମ୍ୟ କୃଷି ଅଧିକାରୀଙ୍କୁ ନିଯୁକ୍ତି ସହ ସରକାରୀ କାର୍ଯ୍ୟାଳୟ ଖୋଲାଯାଇଥିଲା। ହେଲେ ୨ ବର୍ଷ ହେଲା ନା' ଅଛନ୍ତି ଅଧିକାରୀ ନା' ଚାଲିଛି କାର୍ଯ୍ୟାଳୟ। ସରକାରୀ କୋଠା ଖଣ୍ଡିକ ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ଖାଲି ପଡ଼ିଛି ପଦବୀ।**

ବଇଣ୍ଡା,୧୦।୧ (ପରିକ୍ଷିତ ସାହୁ)

କୃଷି ଉପରେ ନିର୍ଭର କରୁଛି ଗ୍ରାମାଞ୍ଚଳର ଅର୍ଥନୀତି। ସେଥିପାଇଁ ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେବାକୁ ପଲ୍ଲୀଠାରୁ ଦିଲ୍ଲୀଯାଏ ଦାବି ଉଠୁଛି। କିନ୍ତୁ ଏ କ୍ଷେତ୍ରରେ ସରକାରୀ ସହଯୋଗ ଯେ ଶତପ୍ରତିଶତ ନାହିଁ, ତାହାର ଏକ ଉଦାହରଣ ହେଲା ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ପାଇକସାହିଠାରେ ଥିବା ଗ୍ରାମ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ। ୨ ବର୍ଷ ହେବ ଏହି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ ଅଧିକାରୀ ନାହାନ୍ତି। ଫଳରେ ଏଠାକାର ଶତାଧିକ ଚାଷୀଙ୍କୁ ଆବଶ୍ୟକ ସମୟରେ କୃଷି ସମ୍ବନ୍ଧୀୟ ପରାମର୍ଶ, ବିହନ, ସାର, ଔଷଧ ମିଳିପାରୁ ନାହିଁ। ଏ ନେଇ ପାଇକସାହି ଚାଷୀମାନେ ଗୁରୁବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଅଞ୍ଚଳବାସୀ ଦର୍ଶାଇଛନ୍ତି, ପାଇକସାହି, ଟାପଢୋଲ,



ସାପଘରା ଆଦି ପଞ୍ଚାୟତର ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବହୁ ବର୍ଷ ପୂର୍ବେ ପାଇକସାହିଠାରେ ଗ୍ରାମ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ସ୍ଥାପନ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସିଛି। ବିଶେଷକରି ଏହି କାର୍ଯ୍ୟାଳୟରେ ନିଯୁକ୍ତ ହୋଇଥିବା ଅଧିକାରୀଙ୍କ ପରଲୋକ ହେବା ପରେ ନୂତନ ଅଧିକାରୀ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ କାର୍ଯ୍ୟାଳୟ ଓ ଅଧିକାରୀ ନ ଥିବାରୁ ଚାଷୀମାନେ କୃଷି ସମ୍ପର୍କିତ ସରକାରୀ ସେବା ପାଇପାରୁ ନାହାନ୍ତି। ପାଇକସାହି ପଞ୍ଚାୟତରେ ୧୯୩ ହେକ୍ଟର, ସାପଘରାରେ ୧୮୮ ହେକ୍ଟର, ଟାପଢୋଲ ପଞ୍ଚାୟତରେ ୮୧୦ ହେକ୍ଟର ଚାଷ ଜମି ରହିଛି। ଏହି ଅଞ୍ଚଳର ଚାଷୀମାନେ ବିଭିନ୍ନ ଚାଷ କରି ଜୀବିକା ନିର୍ବାହ କରୁଥିବା ବେଳେ ସେମାନଙ୍କୁ ସରକାରୀ ସହାୟତା କିମ୍ବା କୃଷି ସମ୍ବନ୍ଧୀୟ କୌଣସି ଉପକରଣ ମିଳୁନାହିଁ। ୨ ବର୍ଷ ହେବ ଅଧିକାରୀ ନ ଥିବା ଯୋଗୁ ଅଞ୍ଚଳର ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏ ପରିକି ୨ ବର୍ଷ ହେଲା ଏଠାକାର ଚାଷୀଙ୍କୁ କୌଣସି କୃଷି ସାମଗ୍ରୀ ବଣ୍ଟନ ହୋଇନାହିଁ। ଏହି ଅଞ୍ଚଳରେ ଧାନ ବ୍ୟତୀତ ମୁଗ, ବିରି, ହରଡ଼, କୋଳଥ ଚାଷ ହୋଇଥିଲେ ମଧ୍ୟ ଅନେକ ଚାଷୀଙ୍କୁ ସରକାରୀ ବିହନ ମିଳୁନାହିଁ। ଆଠମଲ୍ଲିକରୁ କେବେ କେମିତି କୃଷି ଅଧିକାରୀ ଆସି ଚାଷକ୍ଷେତ ବୁଲିଯାଉଥିଲେ ମଧ୍ୟ ଚାଷୀଙ୍କ ସମସ୍ୟା ଉପରେ ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ କୃଷି ଜଲା ଭାରପ୍ରାପ୍ତ ଅଧିକାରୀ ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ପାଇକସାହିଠାରେ ଥିବା କାର୍ଯ୍ୟାଳୟରେ ଅଧିକାରୀ ନିଯୁକ୍ତ କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି।

### କୃଷି ସମ୍ପର୍କିତ ପରାମର୍ଶ ମିଳୁନି



କୃଷି ଅଧିକାରୀ ନିଯୁକ୍ତ କରାଯାଉ ନ ଥିବାରୁ ଚାଷ ସମ୍ପର୍କରେ ଅନେକ ପରାମର୍ଶ ମିଳୁନାହିଁ। ଏପରିକି କୃଷକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ସାମଗ୍ରୀ ଯୋଗାଇ ଦିଆଯାଉ ନାହିଁ।

–ମେନକା ସାହୁ, ଚାଷୀ, ବିଡ଼ିସିଙ୍ଗ

### ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ



କୃଷି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ବିଶେଷକରି କାର୍ଯ୍ୟାଳୟ ଓ କ୍ୱାର୍ଟର୍ସ ନ ଥିବା ଯୋଗୁ ଅଧିକାରୀମାନେ ଏହି ଅଞ୍ଚଳରେ ରହିବାକୁ ଅମଙ୍ଗ ହେଉଛନ୍ତି। ଅନେକଥର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ।

–କୁମୁଦିନୀ ଗଡ଼ତିଆ, ଗ୍ରାମବାସୀ

### ସଫଳତା ପାଉନାହାନ୍ତି ଚାଷୀ



ପାଇକସାହି ଅଞ୍ଚଳରେ ଥିବା କୃଷି କାର୍ଯ୍ୟାଳୟରେ ଅଧିକାରୀ ନିଯୁକ୍ତ ହେଉ ନ ଥିବା ଯୋଗୁ ଚାଷୀମାନେ ସଫଳତା ପାଇପାରୁ ନାହାନ୍ତି। ଚାଷରେ ପୋକ ଦମନ ଲାଗି ମଧ୍ୟ ସରକାରୀ ଔଷଧ ମିଳୁନାହିଁ।

–ଦିଲୀପ କୁମାର ପ୍ରଧାନ, ଚାଷୀ

### ସବ୍‌ସିଡି ଠିକ୍ ଭାବେ ମିଳୁନାହିଁ



କୃଷି କାର୍ଯ୍ୟାଳୟରେ ଅଧିକାରୀ ନ ଥିବା ସମ୍ପର୍କରେ ପଞ୍ଚାୟତ ପକ୍ଷରୁ କୃଷି ବିଭାଗ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ସରକାରଙ୍କ ପକ୍ଷରୁ ଆସୁଥିବା ସବ୍‌ସିଡି ସାମଗ୍ରୀ ଠିକ୍ ଭାବରେ ଚାଷୀମାନଙ୍କୁ ମିଳୁନାହିଁ।

–ନୀରଜକାନ୍ତ ସାହୁ, ସରପଞ୍ଚ, ପାଇକସାହି

## ଡକାୟତି ପୂର୍ବରୁ ମାଡ଼ିବସିଲା ପୋଲିସ

ଅନୁଗୋଳ,୧୦।୧ (ମାନସ ବିଶ୍ୱାଳ)

### ୪ ଗିରଫ, ୨ ଫେରାର

ଅନୁଗୋଳ ଟାଉନ ଥାନା ଅଧୀନ ମଦନମୋହନ ମନ୍ଦିର ପଛ ପାଖରେ ଥିବା ସିମେଣ୍ଟ ପିଣ୍ଡିରେ ବସି ମଧ୍ୟରାତିରେ ଡକାୟତି ଯୋଜନା କରୁଥିବା ଦୁର୍ବୃତ୍ତମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମାଡ଼ି ବସିଛି ପୋଲିସ। ସେମାନେ ହେଲେ କଟକ ଜିଲା ମଧୁପାଟଣା ଥାନା ଅଞ୍ଚଳର ଅମର ସିଂ (୨୫), ମଙ୍ଗଳାବାଗ ଥାନା ପଠାଣସାହୀ ଅଞ୍ଚଳର ଶଶିକାନ୍ତ ଦେହୁରୀ (୨୨), ଜଗତସିଂପୁର ଜିଲା ବାଲିକୁଦା ଥାନା ବୁଡିସାହି ଅଞ୍ଚଳର ଦୀପ୍ତି ରଞ୍ଜନ ସଂହୁ (୩୪), ପୁରୀ ଜିଲା ଚନ୍ଦନପୁର ଥାନା ମାଝିସାହିର ଆଶୁତୋଷ ମହାପାତ୍ର (୨୧)। ସେମାନଙ୍କ ଠାରୁ ୩ଟି ବାଇକ୍, ୨ଟି ହାତ ତିଆର ବୋମା, ଗୋଟିଏ ଖେଳଣା ପିସ୍ତଲ ଆଦି ଜବତ କରାଯାଇଛି। ଚଢ଼ାଉ ବେଳେ ଘଟଣାସ୍ଥଳରୁ ୨ ଜଣ ଖସିଯାଇଥିବା ସୂଚନା ମିଳିଛି। ଏ ନେଇ ଟାଉନ୍ ଥାନା ମା. ୩୩ /୨୦୨୫ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ଏକ କ୍ଷୀର ଡେପୋ ଡିଷ୍ଟ୍ରିବ୍ୟୁଟରଙ୍କ ଠାରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ଥାନା ଅଧିକାରୀ ଧୀରେଶ କୁମାର ଦାସ ପ୍ରକାଶ କରିଛନ୍ତି।




ଜବତ ସାମଗ୍ରୀ ସହ ଗିରଫ ହୋଇଥିବା ଅଭିଯୁକ୍ତମାନେ।

## ଆକ୍ରମଣ କରି ୪୯ ହଜାର ଟଙ୍କା ଲୁଟ୍

ଛେଣ୍ଡିପଦା,୧୦।୧ (ଅଜିତ ଧଳ)

ଜନସେବାକେନ୍ଦ୍ର ପରିଚାଳକଙ୍କୁ ବନ୍ଧୁକ ଦେଖାଇ ଓ କଟୁରୀରେ ଆକ୍ରମଣ କରି ୪୯ ହଜାରରୁ ଅଧିକ ଟଙ୍କା ଲୁଟ୍ କରାଯାଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ଗ୍ରାମରେ ଗୁରୁବାର ରାତିରେ ହୋଇଛି ଏହି ଲୁଟ୍। ସୂଚନା ଅନୁଯାୟୀ, କମ୍ପସଲା ଜଙ୍ଗଲ ମୌଜାର ଜିତେନ୍ଦ୍ର ସାହୁ କମ୍ପସଲା ଗ୍ରାମ ଛକ ଠାରେ ଥିବା ଜନସେବା କେନ୍ଦ୍ର ବନ୍ଦ କରି ରାତି ୯ଟାରେ ଫେରୁଥିବା ବେଳେ କେନ୍ଦୁପଶି ତାଳବୁରି ନିକଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ମାଗିଥିଲେ। ଜିତେନ୍ଦ୍ର ବ୍ୟାଗ ନ ଦେବାରୁ ଜଣେ ଦୁର୍ବୃତ୍ତ ଭୁଜାଲିରେ ତାଙ୍କ ଗୋଡ଼କୁ ଚୋଟ ପକାଇ ଟଙ୍କା, ଲାପଟପ, ମୋବାଇଲ ଥିବା ବ୍ୟାଗ ଛଡ଼ାଇ ନେଇଥିଲେ। ଖବରପାଇ ପରିବାର ଲୋକେ ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।



## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଧାରଣାରେ ବସିଥିବା ସାମଲ ଓ ବରାଳ ପରିବାରର ସଦସ୍ୟ।

ଅନୁଗୋଳ,୧୦।୧ (ମାନସ ବିଶ୍ୱାଳ)

କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମର ପଦ୍ମଚରଣ ସାମଲଙ୍କ ପରିବାର ଓ ବରାଳ ପରିବାରବର୍ଗ ଜମି, ରାସ୍ତା ପାଇଁ ତହସିଲଦାର ଏବଂ ଆରଆଇଙ୍କ ବିରୋଧରେ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ସାମଲ ପରିବାର ଅଭିଯୋଗ କରିଛନ୍ତି, କଣିହାଁ ତହସିଲ ବଜ୍ରକୋଟ ମୌଜାରେ ଥିବା ତାଙ୍କର ୨ଟି ପ୍ଲଟ ହେଉଛି ସେଟଲମେଣ୍ଟ ପ୍ଲଟ। ମାତ୍ର ପରିବାରର ଅଜାଣତରେ ଗୋଟିଏ ପ୍ଲଟରୁ ଏ୦.୦୪ ଡିସିମିଲକୁ ଲିଜ୍ ପ୍ଲଟ ଭାବେ ତହସିଲଦାର ଓ ଆର୍‌ଆଇ ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ କରିଛନ୍ତି। ସେହିପରି ଅନ୍ୟ ଏକ ପ୍ଲଟକୁ ଗ୍ରାମ ପଞ୍ଚାୟତ ସଂରକ୍ଷିତ ସ୍ଥାନ ଭାବେ ଦର୍ଶାଇଛନ୍ତି। ଏ ନେଇ ପରିବାରବର୍ଗ ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିଲେ ମଧ୍ୟ ମାସେ ହେଲା ପଦକ୍ଷେପ ନିଆଯାଇ ନାହିଁ। ପରିବାର ଲୋକଙ୍କୁ ଧମକ ଦିଆଯାଉଥିବାରୁ ରେଙ୍ଗାଳି ଥାନାରେ ଅଭିଯୋଗ କରାଯାଇଥିବା ସାମଲ ପରିବାର ଦର୍ଶାଇଛନ୍ତି। ସେହିପରି ୟୁପି ସ୍କୁଲକୁ ଥିବା ରାସ୍ତାକୁ ୨ଜଣ ବ୍ୟକ୍ତି ଅବରୋଧ କରିଥିବାରୁ ବରାଳ (୬ ପରିବାର)ର ପିଲା ଅଧିକ ଏକ କି.ମି. ବାଟ ବୁଲି ଜାତୀୟ ରାଜପଥ ଦେଇ ସ୍କୁଲ ଯାଉଛନ୍ତି। ବରାଳ ପରିବାର ଲୋକମାନଙ୍କ ପାଇଁ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଏ ନେଇ ସେମାନେ ତହସିଲଦାରଙ୍କୁ ପୂର୍ବରୁ ଅବଗତ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ବଇଣ୍ଡା,୧୦।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଛାତ୍ରୀମାନେ ଦେଶର ମେରୁଦଣ୍ଡ। ସେମାନେ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରହିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିବେକା ପ୍ରଧାନ, ଶିକ୍ଷକ ସୁଜିତ ଖାଡିଆ, ଶଶୀ ଭୂଷଣ ସାହୁ, ସଲିମ ମେହେର, ଗଦାଧର ବେହେରା, ବିଷ୍ଣୁ ପ୍ରସାଦ ହେନତାଳିଆ, ରୁଦ୍ର ପ୍ରସାଦ ମହାରଣା, ବିଜୟ କୁମାର ସିଂ, ପ୍ରଶ୍ନ କୁମାର ପ୍ରଧାନ, ଚଣ୍ଡେଶ୍ୱର ଭୋଇ, ପ୍ରଶ୍ନ ବେହେରା ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ୩୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ରେଣୁକା ମାଝୀ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।



ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯାଉଛି।

## ଇତିହାସ ବିଭାଗର ବାର୍ଷିକ ଆଲୋଚନାଚକ୍ର

ବନ୍ତଲା,୧୦।୧ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରକାର ଇତିହାସ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ପଦ୍ମ ଚରଣ ସାହୁ ସଭାପତିତ୍ୱ କରିଥିଲା ବେଳେ ବିଭାଗୀୟ ମୁଖ୍ୟ ତରଣୀସେନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହିନ୍ଦୋଳ ଖଜୁରିଆକଟା ମହାବିଦ୍ୟାଳୟର ଇତିହାସ ବିଭାଗ ବରିଷ୍ଠ ଅଧାପକ ଡ.ମହେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ନାରୀମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ପାଠଚକ୍ରରେ ଛାତ୍ରଛାତ୍ରୀମାନେ ଭାଗନେଇଥିଲେ। ଅଧାପିକା ସ୍ନିଗ୍ଧାଲିନ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

## ମେଡିକାଲ ପାଠପଢ଼ା ତାଳଚେରଠାରେ ହେଉ



ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର,୧୦।୧ (ମନୋଜ ନନ୍ଦ)

ତାଳଚେର ଠାରେ ପ୍ରସ୍ତାବିତ ପବିତ୍ରମୋହନ ମେଡିକାଲ କଲେଜରେ ପାଠପଢ଼ା କରାଯିବା ଦାବିରେ ଶୁକ୍ରବାର ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ପ୍ରେସ୍ କ୍ଲବ ଠାରେ ଅନୁଷ୍ଠିତ ହୋଇଥିଲା। ଏହାପରେ କମିଟି କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ତାଳଚେର ମେଡିକାଲ କଲେଜର ପାଠପଢ଼ା ୨୦୨୫–୨୬ ଶିକ୍ଷାବର୍ଷରୁ ଆରମ୍ଭ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ହଠାତ ଏହି ପାଠପଢ଼ା ଅନୁଗୋଳ ମେଡିକାଲରେ କରିବା ପାଇଁ ବର୍ତ୍ତମାନ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରାଯିବା ସହ ତାଳଚେରଠାରେ ପାଠପଢ଼ାଯିବା ପାଇଁ ତାଳଚେରବାସୀ ଦାବି କରୁଛନ୍ତି। ଏଥିସହ ସମସ୍ତ ୫୮ ଡାକ୍ତର, ପ୍ରଫେସର ଓ ବିଶେଷଜ୍ଞ ପଦବୀ ପୂରଣ କରାଯାଉ। ଦେଶର ସବୁଠାରୁ ଅଧିକ ରାଜସ୍ୱ ତାଳଚେର ଦେଉଥିବାବେଳେ ପ୍ରଦୂଷଣରେ ଜର୍ଜରିତ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ଶିକାର ହେଉଛନ୍ତି। ତେଣୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ତାଳଚେରବାସୀଙ୍କୁ ବଞ୍ଚିତ ନ କରି ତାଳଚେରଠାରେ ମେଡିକାଲ କଲେଜରେ ପାଠପଢ଼ା ଓ ରୋଗୀ ସେବା କରିବା ପାଇଁ ଦାବି କରାଯାଇଛି। ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ବୈଠକରେ ପୂର୍ବତନ ଏମ୍‌ପି ମହେଶ ସାହୁ, ସସ୍ମିତା ବେହେରା, କେଶବ ଭୂତିଆ, ଦିଗାମ୍ବର ଗଡନାୟକ, ପ୍ରହ୍ଲାଦ ସାହୁ, ହରିହର ବେହେରା, ହାଡ଼ିବନ୍ଧୁ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଛେଣ୍ଡିପଦା,୧୦।୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାଲେଣ୍ଟିନା ଦାସଙ୍କ ସଭାପତିତ୍ୱରେ ପ୍ରଥମ ଦିବସରେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଦ୍ୱିତୀୟ ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ନନ୍ଦ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ମାଝୀ, ସରପଞ୍ଚ ଉଦିତ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି କୁମାର ପ୍ରଧାନ ଓ ଅଭିଷେକ ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ସୁଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ନିଜ ସଂସ୍କୃତି, ପରମ୍ପରା ଆପଣାଇବାକୁ ପରାମର୍ଶ

ଆଠମଲ୍ଲିକ,୧୦।୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ଆମ୍ବସରମୁଣ୍ଡା ଗ୍ରାମସ୍ଥିତ ଜଂଘା ବଡ଼ଦେଓ ମନ୍ଦିରରେ ପ୍ରଭୁ ଜଂଘା ବଡ଼ଦେଓଙ୍କ ଦ୍ୱାଦଶ ତମ ବାର୍ଷିକ ସେବା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଦିନତମାମ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ପ୍ରାତଃରେ ୧୦୮ ମହିଳାଙ୍କୁ ନେଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗତ ୬ ତାରିଖରେ ପ୍ରଭୁ ଜଂଘା ବଡ଼ଦେଓଙ୍କୁ ଗ୍ରାମରେ ଥିବା ଅସ୍ଥାୟୀ ମାଉସୀ ମା' ମନ୍ଦିରକୁ ନିଆଯାଇଥିଲା। ୩ ଦିନ ଧରି ସେଠାରେ ଗ୍ରାମବାସୀ ଦର୍ଶନ କଲା ପରେ ଶାମ୍ବ ଦଶମୀ ତିଥିରେ ସମାଜର କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ଏକ ବିରାଟ ପଟୁଆରରେ ଠାକୁରଙ୍କୁ ମାଉସୀ ମା ମନ୍ଦିରରୁ ଆଣି ମନ୍ଦିରରେ ପ୍ରବେଶ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ମହା ସଚିବ ପ୍ୟାରୀ ମୋହନ ନାୟକ, ସମାଜର ଛତିଶଗଡ଼ ମୁଖ୍ୟ କେ. ପି. ପ୍ରଧାନ ଓ ଛତିଶଗଡ଼ ଅଞ୍ଚଳର କେ. ବି. ବର୍ଦ୍ଧନ, କାମେଶ୍ୱର ସିଂ ଏବଂ ରାଜ୍ୟ କର୍ମକର୍ତ୍ତା ଦମୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ଆଧୁନିକତାକୁ ଦୂରେଇ ନିଜ ସଂସ୍କୃତି ଓ ପରମ୍ପରାକୁ ଆପଣେଇ ମା' ମାନଙ୍କୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପରେ କୁନି କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲକ୍ଷ୍ମୀପୂଜା ଭଳି ସମସ୍ତେ ମିଳିମିଶି ଜିଲାର ବିକାଶ କରନ୍ତୁ

### ବଜରଙ୍ଗ କ୍ଲବର ବାର୍ଷିକ ଉତ୍ସବ 'ଆଗ୍ନେୟ' ଉଦ୍‌ଘାଟିତ

ଢେଙ୍କାନାଳ,୧୦।୧ (ରତନ ନାୟାର)



ଢେଙ୍କାନାଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବଜରଙ୍ଗ କ୍ଲବର ବାର୍ଷିକ ଉତ୍ସବ ଉପଲକ୍ଷେ 'ଆଗ୍ନେୟ' ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ, ବଜରଙ୍ଗ କ୍ଲବ ଏକ ସକାରତ୍ମକ ଯୁବ ସଂଗଠନ। ନିର୍ବାଚନ ବେଳେ ବାଦବିବାଦ ଓ ପ୍ରତିଯୋଗିତା ହୁଏ। କିନ୍ତୁ ଢେଙ୍କାନାଳର ଲକ୍ଷ୍ମୀପୂଜା ଓ ଜାଗର ଯାତ୍ରା ଭଳି ସମସ୍ତେ ମିଳିମିଶି ଖେଳୱାଡ଼ ମନୋବୃତ୍ତି ନେଇ ଜିଲାର ବିକାଶ ପାଇଁ କାମ କରିବା ଉଚିତ। ଓଡ଼ିଶା ବିକଶୀତ ହେଲେ ଭାରତ ବିକଶୀତ ହେବ। ଢେଙ୍କାନାଳରୁ ବିକାଶର ଡାଙ୍କୁଣୀ ଖୋଲିବ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଲେ ଯେ, ୨୮ବର୍ଷ ଅତିକ୍ରମ କରିଥିବା ବଜରଙ୍ଗ କ୍ଲବ ବର୍ତ୍ତମାନ ଏକ ମହାଦ୍ରୁମରେ ପରିଣତ ହୋଇଛି। ଯୁବକମାନେ ଆଗକୁ ବଢିଲେ ଓଡ଼ିଶା ବିକଶୀତ ହେବ। ପୂର୍ବ ସରକାର ବିଜୁ ଯୁବବାହିନୀ ମାଧ୍ୟମରେ ଯୁବକମାନଙ୍କୁ ପଥଭ୍ରଷ୍ଟ କରୁଥିଲେ। ସମୟ ପରିବର୍ତ୍ତନ ହୋଇଛି। ଓଡ଼ିଶାକୁ ଆଗକୁ ବଢିବା ପାଇଁ ଯୁବକମାନଙ୍କୁ ଅଣ୍ଟା ଭିଡିବାକୁ ପଡିବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରିଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯେ, ପ୍ରଜାମଣ୍ଡଳ ଆନ୍ଦୋଳନରେ ଆଜି ପର୍ଯ୍ୟନ୍ତ ଢେଙ୍କାନାଳ ମାଟିର ଅବଦାନ ରହିଛି। ନିଜ ମାଟି, ଜାତି ଓ ଦେଶ ପାଇଁ ରାଷ୍ଟ୍ରବାଦ ଚିନ୍ତାନେଇ ରାଜ୍ୟ ଓ ଦେଶର ବିକାଶ କରିବା ପାଇଁ ସମସ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବର ସଭାପତି ମାନସ ରାଉତ ଉତ୍ସବରେ ସଭାପତିତ୍ୱ କରିଥିଲେ। ଚଳିତବର୍ଷ ବଜରଙ୍ଗ କ୍ଲବ ପକ୍ଷରୁ ସମାଜସେବାରେ ରୁଦ୍ରାଣୀ ସାସମଲ, ଅଭିନେତା ଦେବୀ ପ୍ରସାଦ ନାୟକ ଓ ଦୀପକ ରଞ୍ଜନ ଦାସ ଏବଂ ଭାରୋତ୍ତୋଳନକାରୀ ଖେଳାଳି ପ୍ରୀତିସ୍ମିତା ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସମ୍ପାଦକ ସନ୍ଦୀପ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିସହିତ ଓଲିଉଡ୍ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ରାଜସ୍ଥାନ, ହରିୟାଣାର ୪ ଅଭିଯୁକ୍ତ ଗିରଫ

## ଏଟିଏମ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ

ଢେଙ୍କାନାଳ,୧୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ପଞ୍ଚୁପଟି ପେଟ୍ରୋଲ ପମ୍ପ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍‌କୁ ଗୁରୁବାର ଭୋର ସମୟରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରି ୮ଲକ୍ଷ ୯୬ହଜାର ଲୁଟି ଏହାକୁ ପୋଡ଼ିଦେଇ ପଳାଇଥିଲେ । ଏହି ଘଟଣାର ତଦନ୍ତ କରି ଢେଙ୍କାନାଳ ପୋଲିସ ରାଜସ୍ଥାନ ଓ ହରିୟାଣା ରାଜ୍ୟର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ସମ୍ବଲପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲାରେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ବୋଲି ଶୁକ୍ରବାର ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଅଭିଯୁକ୍ତମାନେ ହେଲେ ହରିୟାଣା ରାଜ୍ୟ ନୁହୁ ଜିଲାର ପିନାନଗୋଆନ ଥାନା ରିଟହାଟ ଗ୍ରାମର ରଫିଖ୍ ଖାଁ ଓରଫ୍ ଧୁଷା(୩୫), ନୁହୁ ସଦର ଥାନା ପାଲଡ଼ି ଗ୍ରାମର ସଦାମ ମଜିଦ ହୁସେନ ଓରଫ୍ ନେଢୁ (୩୨), ରାଜସ୍ଥାନର ଅଲୱାର ଜିଲା ରାମଗଡ଼ ଥାନା ଆଲୱାଡ଼ା ଗ୍ରାମର ଏମ୍‌ଡି ଆସଲାମ (୩୫), ରାମଗଡ଼ ଥାନା ଜାଗିର କାରୋଲି ଗ୍ରାମର ଏମ୍‌ଡି ନସିର ଓରଫ୍ ଜଗମଲ(୪୫) ।



ଏଟିଏମ୍ ଲୁଟ୍ ସମ୍ପର୍କରେ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ଏସ୍‌ପି କହିଛନ୍ତି ଯେ, ଗିରଫ ଅଭିଯୁକ୍ତମାନଙ୍କଠାରୁ ୮ଲକ୍ଷ ୨୭ହଜାର ୫୬୬ଟଙ୍କା ସହ ୬ଟି ମୋବାଇଲ, ୬ଟି ଜାଲ ସିମ୍‌କାର୍ଡ, ଗ୍ୟାସ୍ ବର୍ନର, କଟିଂ ମେଶିନ, ବହୁ ଆଇଡି, ଆଧାର ଓ ପାନକାର୍ଡ ସହିତ ଡ୍ରାଇଭିଂ ଲାଇସେନ୍ସ, ଏଟିଏମ୍ କାର୍ଡ, ନମ୍ବର ବିହୀନ କାର, ଗୋଟିଏ ଟିପ୍ପର, ସ୍ପ୍ରେ, ଜାଲ ନମ୍ବର ପ୍ଲେଟ ଜବତ କରାଯାଇଛି । ଲୁଟ୍ ଖବର ପାଇବା ପରେ ପୋଲିସ ପହଞ୍ଚିବା ସହିତ ପଡ଼ୋଶୀ ଜିଲା ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ଥାନା, ଫାଣ୍ଡିକୁ ସତର୍କ କରାଇଥିଲେ । ବିଭିନ୍ନ ଚେକ୍‌ପୋଷ୍ଟରେ ଗାଡ଼ି ଯାଞ୍ଚ କରାଯାଇଥିଲା । ସେହି ସମୟରେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳ ରୋଡ଼ ଫାଣ୍ଡି ୫୫ନଂ ଜାତୀୟ ରାଜପଥର ଗୁଡିଆକାଟେଣୀ ଠାରେ ଗୋଟିଏ କାର ଦ୍ରୁତ ଗତିରେ ପଳାଉଥିବା ଦେଖି ପୋଲିସ ଅଟକାଇ କାରରେ ଥିବା ରଫିକ ଖାଁଙ୍କ ପଚରାଉଚରା କରିବାରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା । ରଫିକଙ୍କ ସହ ଏମ୍‌ଡି ଆସଲମଙ୍କୁ ପୋଲିସ ଗିରଫ କରିଥିଲା। ରଫିକ୍ ଆଉ ଏକ ଟିପ୍ପରରେ ଲୁଟ୍ ଟଙ୍କାକୁ ବମ୍ବେ ପଠାଇ ଦିଆଯାଉଛି ବୋଲି ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ସଦର ଥାନା ଅଧିକାରୀ ଦୀପକ ଲେଙ୍କା, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଟିପ୍ପରକୁ ପିଛାକରି ବରଗଡ଼ ଜିଲା ସୋହେଲାଠାରୁ ଜବତ କରିଥିଲେ। ସେଥିରେ ଯାଉଥିବା ସଦାମ ମଜିଦ ହୁସେନ ଓ ଏମ୍‌ଡି ନାସିରଙ୍କୁ ଗିରଫ କରିଥିଲେ। ଲୁଟ୍ ଟଙ୍କାକୁ ଉଦ୍ଧାର କରିଥିଲେ । ଅଭିଯୁକ୍ତମାନେ ସମ୍ବଲପୁର ଜିଲାର ଅଇଁଠାପାଲି ଓ ତେଲକୋଲି ଥାନାରେ ୩ଟି, କେନ୍ଦୁଝର ଜିଲାର ଯୋଡ଼ା, ଘଣିପୁରା ଥାନାରେ ୩ଟି ଓ ଢେଙ୍କାନାଳ ଜିଲାର ମୋଟଙ୍ଗା, ସଦର ଓ ତୁମୁସିଙ୍ଗା ଥାନାରେ ୩ଟି ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନା ଅଧିକାରୀ ଦୀପକ ଲେଙ୍କା, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଫୁନାର ରୌପ୍ୟ ଜୟନ୍ତୀ ପାଳିତ




ଢେଙ୍କାନାଳ,୧୦।୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ହୋଟେଲ୍ ଦେବକନ୍ୟା କନ୍‌ଫରେନ୍ସ ହଲ୍‌ରେ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ ଆସୋସିଏଶନ୍ (ଉଫୁନା)ର ୨୫ତମ ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ମିଳନୀକୁ ଉଫୁନାର ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଉଫୁନାର ରାଜ୍ୟ ସଭାପତି ତଥା ଜାତୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଭୁବନେଶ୍ୱର ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୁଦ୍ଧ ନୁହେଁ ବୁଦ୍ଧ ବାର୍ତ୍ତା ଆଜି ସମଗ୍ର ବିଶ୍ୱରେ ଗ୍ରହଣୀୟ ହେଉ ବୋଲି ଦୃଢ଼ ମତପ୍ରକାଶ କରିଥିଲେ। ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ବୁଦ୍ଧଙ୍କର ପଞ୍ଚଶୀଳ ନୀତି ସମଗ୍ର ବିଶ୍ୱରେ ଶାନ୍ତି ଆଣିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ ଉଫୁନା ୨୦୦୦ରେ ତତ୍କାଳୀନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରି ଏହାର ଶୁଭାରମ୍ଭ କରିଥିଲେ। ସଭାରେ ନୂତନ ଭାବେ ୟୁନେସ୍କୋର ରାଜ୍ୟ ସଂଯୋଜକ ଭାବରେ କବି ବାହାଦୂର ପାଟ୍ଟସାହାଣୀ ମନୋନୀତ ହୋଇ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ଉଫୁନା ପକ୍ଷରୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଡ଼. ଦେବୀ ପ୍ରସାଦ ମିଶ୍ର, ଡ. ପ୍ରମୋଦ ନାୟକ, ଡ. ସମୀର କୁମାର ସାହୁ, ସମାଜସେବୀ ସରୋଜ ଶତପଥୀ, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ରବିନାରାୟଣ ସେଠୀ, ବସନ୍ତ ବିଶ୍ୱାଳ, ପୀତବାସ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉଫୁନାର ମହାସଚିବ ଡ. ଦୀପାୟନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୂର ପାଟ୍ଟସାହାଣୀ, ଡ଼ା. ଦେବୀ ପ୍ରସାଦ ମିଶ୍ର, ଡ.ପ୍ରମୋଦ ପରିଡା, ଲିଙ୍କୁ ପତି, କାହ୍ନୁ ଚରଣ ବାରିକ ଓ ପ୍ରମୁଖ କବିବୃନ୍ଦ ସ୍ୱରଚିତ କବିତା ପାଠ କରିଥିଲେ। ଲଳିତ ବେହେରା, ସମାଜସେବୀ ଅନ୍ତର୍ଯ୍ୟାମୀ ରଥ ଓ ଚନ୍ଦ୍ରମଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେ ବାପା, ଜେଜେ ମା' ସମ୍ମିଳନୀ

ଢେଙ୍କାନାଳ,୧୦।୧(ରତନ ନାୟାର)

ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜେଜେ ବାପା, ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ କହିଲେ ଯେ, ଜେଜେ ବାପା ଓ ଜେଜେ ମା'ମାନେ ନାତି ନାତୁଣୀମାନଙ୍କର ଜୀବନ ଓ ଚରିତ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଏଥିପାଇଁ ଜେଜେବାପା ଓ ଜେଜେ ମା'ମାନେ ସଦା ନମସ୍ୟ ବୋଲି ଆଲୋକପାତ କରିଥିଲେ। ଏଥିରେ ପ୍ରାୟ ୧୮୦ଜଣ ଜେଜେବାପା ଓ ଜେଜେ ମା' ଯୋଗଦେଇ ନାତି ନାତୁଣୀମାନଙ୍କର ବିଦ୍ୟାର୍ଥୀ ଜୀବନ ଉତ୍ତମ ହେବା ପାଇଁ ଶୁଭକାମନା କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷକ ଗୁରୁଦେବ ପାଣ୍ଡେ ଓ ମନସ୍ୱିନୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଜେଜେବାପା ଓ ଜେଜେ ମା'ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ୪ର୍ଥ ଶ୍ରେଣୀର ଜଗଦୀଶ ବିନ୍ଧାଣୀଙ୍କ ଜେଜେବାପା କାଳନ୍ଦୀ ଚରଣ ବିନ୍ଧାଣୀଙ୍କର ନାଟକୀୟ ଉପସ୍ଥାପନା ମନୋରଞ୍ଜନ ଧର୍ମୀ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭ୍ରଜ୍ୟୋତି ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।


ସମ୍ମିଳନୀକୁ ଅଧ୍ୟକ୍ଷ ଶିଶିର କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ



ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଢେଙ୍କାନାଳ,୧୦।୧(ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ ଭାଗଚାଷୀଙ୍କୁ କ୍ଷତିପୂରଣ, ରାଜ୍ୟବାସୀ ମଣ୍ଡି ଖୋଲିବା, ମୃତକ କୃଷକ ପରିବାକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଧାନ ମଣ୍ଡିରେ କଟ୍‌ନିଛଟ୍‌ନି ବନ୍ଦ କରିବା ଓ ୩୧୦୦ଟଙ୍କା ପ୍ରଦାନ କରିବା ଦାବିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଅଦିନିଆ ବର୍ଷାରେ ଫସଲ କ୍ଷତି ପାଇଁ ସରକାର ଚାଷୀ ଓ ଭାଗଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀମାନଙ୍କ ଦୟାରେ କ୍ଷତି ଭରଣା ହେବ ବୋଲି ବୟାନ ଦେଇ କଟା ଘାରେ ଚୂନ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଭାଗଚାଷୀମାନଙ୍କୁ କୌଣସି କ୍ଷତିପୂରଣ ଦିଆଯାଇପାରିବ ନାହିଁ ବୋଲି ସରକାରଙ୍କ ଘୋଷଣା ପରେ କୃଷକମାନଙ୍କର ଆତ୍ମହତ୍ୟା ବୃଦ୍ଧିପାଉଛି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି । କ୍ଷତି ପୂରଣ ସହାୟତା ଅର୍ଥରୁ ଭାଗ ଚାଷୀ ୭୫% ଏବଂ ଜମି ମାଲିକ ୨୫% ବ୍ୟବସ୍ଥା, ଧାନ ଫସଲ କ୍ଷତି ପାଇଁ ଏକର ପ୍ରତି ସର୍ବନିମ୍ନ ୨୫୦୦୦ଟଙ୍କା ଓ ପନିପରିବା ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲ ପାଇଁ ଏକର ପ୍ରତି ସର୍ବନିମ୍ନ ୪୦୦୦୦ ଟଙ୍କା, ଜଙ୍ଗଲ ଜମି ପଟ୍ଟା ପାଇଥିବା ଆଦିବାସୀଙ୍କୁ ଫସଲକ୍ଷତି ପାଇଁ କ୍ଷତି ପୂରଣ ପ୍ରଦାନ କରାଯାଉଛି । ଅଦିନିଆ ବର୍ଷାରେ ଫସଲ ଜନିତ କ୍ଷତି ପାଇଁ ପ୍ରାୟ ୧୫ ଜଣ କୃଷକ ଫସଲ ଜନିତ କ୍ଷତି ପାଇଁ ଆତ୍ମହତ୍ୟା କରିଛନ୍ତି କିମ୍ବା ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ମୃତକ କୃଷକ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତି ପୂରଣ, ଋଣ ଛାଡ଼, ପରିବାର ଋଣଗୁଡିକ ସମ୍ପର୍କରେ ତଦନ୍ତ କରି ସେଗୁଡିକ ଛାଡ କରିବା, ମଣ୍ଡି ବ୍ୟବସ୍ଥାରେ ଅରାଜକତା ବନ୍ଦ କରାଯାଉ। ଚାଷୀ ଓ ଭାଗଚାଷୀଙ୍କ ସମସ୍ତ ଧାନ ସରକାରୀ ବ୍ୟବସ୍ଥାରେ କିଣିବା ପାଇଁ ରାଜ୍ୟରେ ଆବଶ୍ୟକ ମଣ୍ଡି ତୁରନ୍ତ ଖୋଲାଯାଉ। ଏଥିସହିତ ଢେଙ୍କାନାଳ ଜିଲାରେ ହାତୀ, ମାଙ୍କଡ, ବାଘ୍ହାମାନଙ୍କ ଆକ୍ରମଣରୁ ଫସଲକୁ ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଓ ଚାଷୀ କ୍ଷତିପୂରଣ ଆବେଦନ ପାଇଁ ସରଳ ବ୍ୟବସ୍ଥା ଗ୍ରହଣ କରିବା ଆଦି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସିଆଇଟିୟୁ ତରଫରୁ ସର୍ବଙ୍ଗ ସାହୁ, ରଞ୍ଜନ ନାୟକ, ସମତାକ୍ରାନ୍ତି ଦଳର ନେତା ସରୋଜ ଶତପଥୀ, ଏଆଇଟିୟୁସି ତରଫରୁ ରବି ରଥ, ଏଆଇସିସିଟିୟୁ ତରଫରୁ ଶ୍ରୀନିବାସ ସାହୁ, ଓଡିଶା କୃଷକ ସଭା ତରଫରୁ ଶୁଭେନ୍ଦୁ ରାୟ, କୃଷକ କଂଗ୍ରେସ ପ୍ରଫୁଲ୍ଲ ମହାନ୍ତି, ନୀଳାଦ୍ରି ନାୟକ, କଇନ୍ତା ନାୟକ, ଶଶଧର ନାୟକ ସମୀର ପାଣି, ଜୟ ସାହାଣୀ, ଜଗବନ୍ଧୁ ନାୟକ, ଶଙ୍କର୍ଷଣ ମହାନ୍ତି ଓ ସିପିଆଇ(ଏମ୍)ର ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ବଦ୍ରିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କଙ୍କଡ଼ାହାଡ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ରଦ୍ଦ

କାମାକ୍ଷାନଗର, ୧୦।୧ (ସୁଧୀର କୁମାର ପରିଡ଼ା)



ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଶୁକ୍ରବାର କୋରମ ଅଭାବରୁ ରଦ୍ଦ ହୋଇଛି । ଭାଜପା ଗଡ଼ରେ ପଦ ବଜାୟ ରଖିଛନ୍ତି ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର । ଗତ କିଛିମାସ ତଳେ ବିଜେଡି ସମର୍ଥିତ କଙ୍କଡାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ରଙ୍କ ବିରୋଧରେ କିଛି ସରପଞ୍ଚ ଓ ସମିତିସଭ୍ୟ କାମାକ୍ଷାନଗର ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଶୁକ୍ରବାର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟରେ ଅନାସ୍ଥା ସମ୍ପର୍କିତ ଭୋଟ ଆଗତ ପାଇଁ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଅନାସ୍ଥା ବେଳେ ମାତ୍ର ଜଣଙ୍କୁ ଛାଡ଼ି ଆଉ କୌଣସି ସରପଞ୍ଚ, ସମିତିସଭ୍ୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନ ଥିଲେ। ନିର୍ଦ୍ଧାରିତ ସମୟ ପରେ ନିର୍ବାଚନ ଦାୟିତ୍ୱରେ ଥିବା କଙ୍କଡାହାଡ଼ ତହସିଲଦାର ସୌଦାମିନୀ ନାୟକ କୋରମ ଅଭାବରୁ ଅନାସ୍ଥା ରଦ୍ଦ ହେବା ସହ ବ୍ଲକ ଅଧ୍ୟକ୍ଷା ଚାରୁଲତା ପଦ ବଜାୟ ରଖିବା ନେଇ ସୂଚନା ଦେଇଥିଲେ।

# ଚାଷୀକୁ କଚାଡ଼ିଦେଲା ହାତୀ

ଭୁବନ, ୧୦।୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ବନାଞ୍ଚଳରେ ଗୁରୁବାର ରାତିରେ ବ୍ରାହ୍ମଣୀ ନଦୀ ପାରହୋଇ ୫୭ଟି ହାତୀ ସଡ଼ଙ୍ଗି ବନ୍ୟାଞ୍ଚଳ କରମୂଳ ଜଙ୍ଗଲରୁ ଭୁବନ ରେଞ୍ଜ ଅଞ୍ଚଳକୁ ପଳାଇ ଆସିଛନ୍ତି। ହାତୀପଲ ଭୁବନ ବନାଞ୍ଚଳ ଜୟପୁର ଓ ପାଟପୁର ମଧ୍ୟଭାଗ ଦେଇ ଆସିବା ରାସ୍ତାରେ ଗ୍ରାମ ନିକଟରେ ଥିବା ୫ଏକର ଆଖୁ, ୪ ଏକର ପନିପରିବା ଓ ୩ଏକର ଧାନ ଫସଲ ନଷ୍ଟ କରିଥିଲେ। ଭୋର ସମୟରେ ପୂର୍ବରୁ ରହିଥିବା ଏକ ଦନ୍ତାହାତୀ ମୁରୁଗା ଗ୍ରାମ୍ୟ ଜଙ୍ଗଲରୁ ମାହାରୀ ଧଳପଡ଼ା ପଟକୁ ଘନ କୁହୁଡି ମଧ୍ୟରେ ଯାଉଥିବା ବେଳେ ବିଲରୁ ଶ୍ରୀକାନ୍ତ ବେହେରା ଓ ତାଙ୍କ ବାପା ଚହଲି ବେହେରା ଧାନ ଆଣୁଥିବା ବେଳେ ହାତୀର ସମ୍ମୁଖିନ ହୋଇଥିଲେ। ଶ୍ରୀକାନ୍ତଙ୍କୁ ହାତୀଟି ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ଶ୍ରୀକାନ୍ତକୁ ସ୍ଥାନୀୟ ଲୋକେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଭୁବନ ଫରେଷ୍ଟର କଳ୍ପନା ବେହେରା ଓ କର୍ମଚାରୀ ପହଞ୍ଚି ଚିକିତ୍ସା ପାଇଁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପହଞ୍ଚି ଗୁରୁତର ପରିବାରଙ୍କୁ ସମବେଦନା ଜଣାଇବା ସହିତ ବନବିଭାଗର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଉତ୍କଳମଣି ଗୋପବନ୍ଧୁ କଲେଜର ବାର୍ଷିକ କ୍ରୀଡ଼ା



ଢେଙ୍କାନାଳ,୧୦।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦେବେନ୍ଦ୍ର କୁମାର ମିଶ୍ର କ୍ରୀଡ଼ାକୁ ଉଦ୍‌ଘାଟନ କରି ମାନସିକ ଓ ଶାରିରୀକସ୍ତରରେ ଅଭିବୃଦ୍ଧି କରି ଉତ୍ତମ ଚରିତ୍ର ଗଠନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୈଳବାଳା ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଖେଳକୁଦରେ ଭାଗନେଇ କଲେଜରେ ଗୌରବ ବଢାଇବାକୁ ପରାମର୍ଶ ଦେଇଥିଲେ । ଉଦଯାପନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ପ୍ରଭାତ କୁମାର ସାମଲ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବାଳକରେ ପ୍ରଥମବର୍ଷ କଳା ଛାତ୍ର କାଳିଆ ଦେହୁରୀ ଚାମ୍ପିୟନ ହୋଇଥିବା ବେଳେ ବାଳିକାରେ ପ୍ରଥମବର୍ଷ କଳା ଛାତ୍ରୀ ଅନନ୍ୟା ରାଉଳ ଚାମ୍ପିୟନ ହୋଇଥିଲେ । କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ ପରିଚାଳନା କରିଥିବା ବେଳେ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହାୟତା କରିଥିଲେ।

**ବାଳକରେ କାଳିଆ ଦେହୁରୀ, ବାଳିକାରେ ଅନନ୍ୟା ରାଉଳ ଚାମ୍ପିୟନ**

# କପିଳାସ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

## ଜିଲାପାଳଙ୍କୁ ୨୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୧୦।୧(ରତନ ନାୟାର)

ରାଜ୍ୟ ଏବଂ ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ କପିଳାସର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ୨୨ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ପରିଷଦର କାର୍ଯ୍ୟକାରୀ ସଭାପତି ତଥା ଗଁଦିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଳୟ କୁମାର ସିଂହ ଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ। କପିଳାସ ସମସ୍ୟାର ସମାଧାନ ତୁରନ୍ତ କରା ନ ଗଲେ ପରିଷଦ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପରିଷଦର ଅନ୍ୟତମ ଉପଦେଷ୍ଟା ପୂର୍ବତନ ବିଧାୟକ ନବୀନ ନନ୍ଦ ପ୍ରତିକ୍ରିୟା ପ୍ରଦାନ କରି କହିଛନ୍ତି। ଦାବିଗୁଡିକ ମଧ୍ୟରେ ପୀଠ ଉପରେ ୨୦୦ଯାତ୍ରୀଙ୍କ ବିଶ୍ରାମ କରିବା ଭଳି ବିଶ୍ରାମାଗାର ନିର୍ମାଣ, ମନ୍ଦିର ସିଂହଦ୍ୱାର ଠାରେ ଯାତ୍ରୀ ବିଶ୍ରାମାଗାରରେ ଚାଲିଥିବା ଅବଢା ହୋଟେଲକୁ ଅନ୍ୟତ୍ର ସ୍ଥାନାନ୍ତରଣ, ମନ୍ଦିର ରୋଷଘର ନିକଟସ୍ଥ ୭ବଖରିଆ ଧର୍ମଶାଳାକୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଖୋଲାଯାଉ, ତତସଲଗ୍ନ ଗାଧୁଆ ଓ ପାଇଖାନା ଘରକୁ ସର୍ବସାଧାରଣ ଉପଯୋଗୀ କରାଯାଉ, ମୁଖ୍ୟ ମନ୍ଦିର ଜଗମୋହନ ନିକଟରେ ଦେଖାଯାଇଥିବା ଫାଟର ତୁରନ୍ତ ମରାମତି କରିବା, ମନ୍ଦିର ଚତୁଃପାର୍ଶ୍ୱ ବେଢାର ସୁରକ୍ଷା ପାଇଁ ତୁରନ୍ତ ଆବଶ୍ୟକୀୟ ବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ରାଜ୍ୟ ପ୍ରତ୍ନତତ୍ୱ ବିଭାଗକୁ ନିର୍ଦ୍ଦେଶ ଦିଆଯାଉ । ପାର୍ବତୀ ମନ୍ଦିର ପୁନଃ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ । ପୀଠରେ ଦେବୋତ୍ତର ବିଭାଗର ଜଣେ ସ୍ଥାୟୀ ଅଧିକାରୀ ନିଯୁକ୍ତି କରାଯାଉ । ପୀଠରେ ପାନୀୟଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି ହେଉ। ପୀଠର ମୁଖ୍ୟ ଆକର୍ଷଣ ଝରଣା ଜଳକୁ ସଂରକ୍ଷିତ କରି ରଖିବା ପାଇଁ ୧ଲକ୍ଷ ଲିଟର କ୍ଷମତାଧାରୀ ପାଣି ଟାଙ୍କି ନିର୍ମାଣ ହେଉ । ପୀଠ ପାଦଦେଶରେ ଥିବା ପୋଲିସ ବିଟ୍ ହାଉସକୁ ପୀଠ ନିକଟକୁ ସ୍ଥାନାନ୍ତରିତ କରାଯାଉ। କପିଳାସ ଛକ କିମ୍ବା ପ୍ରାଣୀ ଉଦ୍ୟାନ ନିକଟରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଉ । ରାଜ୍ୟ ସରକାରଙ୍କ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ସର୍ବସାଧାରଣ ବ୍ୟବହାର ଉପଯୋଗ କରାଯାଉ। କପିଳାସ ଛକ ନିକଟରେ ପଞ୍ଚାୟତ ତରଫରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ମଡେଲ ପାର୍କ ଓ ଜିମ ସେଣ୍ଟରକୁ ପୂର୍ଣ୍ଣାଙ୍ଗ କରାଯାଉ । ଠାକୁରଙ୍କର କପିଳାସ ପାଦଦେଶରେ ଥିବା ୧୨୦୦ ଏକର କାଜୁ ଜଙ୍ଗଲ, ଜଳାଶୟ ସହିତ ଶ୍ୟାମଳୀ ଡାକ ବଙ୍ଗଳାର ପୁନଃରୁଦ୍ଧାର କରାଯାଉ। ପ୍ରାଣୀ ଉଦ୍ୟାନ ଓ ହାତୀ ଉଦ୍ଧାର କେନ୍ଦ୍ର ପାଇଁ ବନବିଭାଗ ଠାକୁରଙ୍କର ୮୦ଏକର ପରିମିତ ଜଙ୍ଗଲରେ ଏହି ପ୍ରକଳ୍ପ ନିର୍ମାଣ କରିଥିବାରୁ ସେହି ପରିମାଣର ଜମି ବନବିଭାଗ, କପିଳାସ ପୀଠ ଅଞ୍ଚଳରେ ବଦଳ ସୂତ୍ରରେ ତୁରନ୍ତ ଦିଅନ୍ତୁ । ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମଠାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା କମ୍ପାନୀ ପାଇଁ ଠାକୁରଙ୍କର ୨୦୬ ଏକର ଜମି ଅଧିଗ୍ରହଣ ହୋଇଥିବା ବେଳେ ବର୍ତ୍ତମାନର ବଜାର ଦର ଅନୁସାରେ ପରିବର୍ତ୍ତିତ ଦର ଧାର୍ଯ୍ୟ କରାଯାଇ କ୍ଷତିପୂରଣ ଟଙ୍କା ଶ୍ରୀଜୀଉଙ୍କ ଟ୍ରଷ୍ଟକୁ ପ୍ରଦାନ କରାଯିବା ସହିତ ପୀଠର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଉ । ଠାକୁରଙ୍କର ୬ହଜାରରୁ ଅଧିକ ଚାଷଜମି ପରିଚାଳନାଗତ ଅବବ୍ୟସ୍ଥା ଯୋଗୁ ବେଦଖଲ ହୋଇଥିବାରୁ ଏହି ଜମି ଗୁଡିକ ଦଖଲକୁ ଅଣାଯାଉ । ମଠ, ମନ୍ଦିର ସୁପରିଚାଳନା ପାଇଁ ଦେବୋତର ବିଭାଗ ପରାମର୍ଶ କମିଟି ତୁରନ୍ତ ଗଠନ କରାଯାଉ। କପିଳାସ ଛକରୁ ପୀଠ ପର୍ଯ୍ୟନ୍ତ ଆମିଷ, ଭୋଜି ଓ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ । ସୈରାତ ନିଲାମଧାରୀଙ୍କୁ ସେମାନଙ୍କ ବ୍ୟବସାୟ ପାଇଁ ନିର୍ଦ୍ଦିଷ୍ଟ ଜାଗା ଦିଆଯାଉ । ପାର୍କିଂ, ଶୌଚାଳୟ ଓ ଟୋଲ ଫି' ନାମରେ ଯାତ୍ରୀମାନଙ୍କଠାରୁ ଅଧିକ ଅର୍ଥ ଆଦାୟ ନହେଉ । ଶୌଚାଳୟ ବ୍ୟବହାର ପାଇଁ ନିଃଶୁଳ୍କ ବ୍ୟବସ୍ଥା ହେଉ। ଠାକୁରଙ୍କ ସେବାରେ ନିୟୋଜିତ ସେବକ ଓ ସୁଆରମାନଙ୍କୁ ଦେବୋତ୍ତର ବିଭାଗ ପକ୍ଷରୁ ବୀମାଭୁକ୍ତ କରାଯାଉ । ସେମାନଙ୍କ ପାଇଁ ପୀଠରେ ଏକ ବିଶ୍ରାମାଗାର ନିର୍ମାଣ ହେଉ । ପୀଠର ଭୁବନେଶ୍ୱରୀ ମନ୍ଦିର ନିକଟରେ ଚନ୍ଦ୍ରଶେଖରଜୀଉ କଳା ପରିଷଦର ପାଠାଗାରକୁ ପୁନଃରୁଦ୍ଧାର କରାଯାଉ । ପୀଠ ମଧ୍ୟରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଦର୍ଶନ ସମୟରେ ଫାଇଭର ଛାତର ବନ୍ଦୋବସ୍ତ କରାଯାଉ ବୋଲି ଦାବି ଅନ୍ତର୍ଭୁକ୍ତ ରହିଛି । ଜିଲା ପ୍ରଶାସନ ପକ୍ଷରୁ ଏହି ଦାବିଗୁଡିକ ତୁରନ୍ତ ସମାଧାନ ନ କଲେ ପରିଷଦ ପକ୍ଷରୁ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି ।



ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

